# ରାଜ୍ୟପଥରୁ ଗୋରୁ ଗାଈ ହଟାଇବା ପାଇଁ ପଦକ୍ଷେପ

**ଅଣତାରକା ପ୍ରଶ୍ନ ସଂଖ୍ୟା - ୧୮୪୦ - ଶ୍ରୀ ଆଶ୍ରିତ ପଟ୍ଟନାୟକ : ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ପ୍ରତିଦିନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଦୁର୍ଘଟଣାରେ ବହୁ ସଂଖ୍ୟାରେ ଗୋସମ୍ପଦର କ୍ଷତି ହେଉଛି, ଏପରିକି ଅନେକ ନିରିହଙ୍କ ଜୀବନ ମଧ୍ୟ ଯାଉଛି, ରାଜପଥ ଗୁଡ଼ିକ ଗୋରୁ ଗାଈ ମାନଙ୍କର ଆଶ୍ରୟ ସ୍ଥଳ ପାଲଟିଛି, ଏହାର ସ୍ଥାୟୀ ସମାଧାନ ପାଇଁ ତରଫରୁ କି ପ୍ରକାର ପଦକ୍ଷେପ ନିଆଯାଇଛି, ଆଗକୁ ଏଥି ନିମନ୍ତେ କ'ଣ ଯୋଜନା ରହିଛି ?**

**ଉତ୍ତର**

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ** **ତା.୨୪.୦୯.୨୦୨୫**
**ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଓଡ଼ିଶା**

ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଦୁର୍ଘଟଣାରେ ଗୋସମ୍ପଦର କ୍ଷତିକୁ ନିରୋଧ କରିବା ପାଇଁ ସରକାରଙ୍କ ତରଫରୁ NHAI, ପୌରାଞ୍ଚଳ, ଗ୍ରାମ ଉନ୍ନୟନ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ପରିବହନ, ଆରକ୍ଷୀ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଇତ୍ୟାଦିଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏଥିରେ ଏକ ସମନ୍ୱୀତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଉଅଛି । ଏଥିରେ ବୁଲା ଗାଈ ଗୋରୁଙ୍କୁ ପୌରାଞ୍ଚଳରେ ଗୋଶାଳା ନିର୍ମାଣ କରି ଥଇଥାନ କରିବା, ଦୁର୍ଘଟଣା ପ୍ରବଣ ସ୍ଥାନ ଗୁଡିକୁ ଚିହ୍ନଟ କରି, ପଶୁମାନେ ରାସ୍ତା ଅତିକ୍ରମ କରୁଥିବା ସ୍ଥାନରେ ବାଡ ଦେବା ସହିତ ନିୟନ୍ତ୍ରଣ ବ୍ୟବସ୍ଥା କରିବା, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ମାଧ୍ୟମରେ ବୁଲା ଗାଈ ଗୋରୁଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା, ଦୁର୍ଘଟଣାଗ୍ରସ୍ତ ଗାଈ ଗୋରୁମାନଙ୍କୁ ନିକଟ ବର୍ତ୍ତୀ ଗୋଶାଳା ରେ ଆଶ୍ରୟ ଦେବା ପାଇଁ ନିଷ୍ପତ୍ତି ନିଆଯାଇଅଛି ।

ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟ ଅନୁଯାୟୀ ଗାଈ ଗୋରୁଙ୍କ ଶିଙ୍ଘରେ / ବେକରେ Reflective ପଟି ଲଗାଯାଉଛି। ଫଳରେ ମୋଟର ଯାନ ଆଲୋକ ଗାଈ ଗୋରୁଙ୍କ ଉପରେ ପଡିଲେ ତାହା ଚକ୍ ଚକ୍ ଦେଖାଯାଏ । ତେଣୁ ମୋଟର ସାଇକେଲ ଚାଳକ ମାନେ ସଚେତନ ହୋଇଯାଆନ୍ତି । ଗାଈ ଗୋରୁ ଚଳପ୍ରଚଳ କରୁଥିବା କେତେକ ସମ୍ବେଦନଶୀଳ ସ୍ଥାନର ତାଲିକା ସଂପୃକ୍ତ ସଡକ ନିର୍ମାଣ ବିଭାଗକୁ ଉଚିତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଯୋଗାଇ ଦିଆଯାଇଛି ।